## ସଂକ୍ଷେପରେ

### ନାବାଳିକା ଅସଦାଚରଣ ମାମଲା ପ୍ରମାଣ ଅଭାବରୁ ୨ ନିର୍ଦ୍ଦୋଷ

ବ୍ରହ୍ମପୁର,୧୪।୮(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ପ୍ରଭାତ କୁମାର ରାଜଗୁରୁ ସୋମବାର ଏକ ନାବାଳିକା ଅସଦାଚରଣ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ କରିଛନ୍ତି। ପ୍ରମାଣ ଅଭାବରୁ ସେ ୨ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ସଦର ଥାନା ଅଞ୍ଚଳର ମହେନ୍ଦ୍ର ନାଇକ ଓ ଶଙ୍କର ନାଇକ। ୨୦୧୮ ଜୁନ ୧୯ ତାରିଖରେ ଜଣେ ନାବାଳିକାଙ୍କୁ ତାଙ୍କ ଘରେ ପଶି ଅସଦାଚରଣ କରିବା ସହ ତାଙ୍କ ମା'ବାପାଙ୍କୁ ଆକ୍ରମଣ କରାଯାଇଥିଲା। ଏନେଇ ସଦର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ ୧୪୦/୧୮ରେ ମହେନ୍ଦ୍ର ନାଇକ ଓ ଶଙ୍କର ନାଇକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ ସେମାନେ ଜାମିନରେ ଛାଡ଼ ପାଇଥିଲେ। ଉକ୍ତ ମାମଲାର ବିଚାର ବେଳେ କୋର୍ଟରେ ୭ ଜଣଙ୍କ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସୋମବାର ରାୟ ପ୍ରକାଶ ବେଳେ ମହେନ୍ଦ୍ର ନାଇକ ଓ ଶଙ୍କର ନାଇକଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀମାନଙ୍କ ବୟାନକୁ ଭିତ୍ତିକରି ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ଜଜ୍ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ୍ୟ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ କରୁଣାକର ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରିଥିଲେ।

### ଛୁରି ଦେଖାଇ ହାର ଲୁଟ୍, ୩ ଗିରଫ

ବ୍ରହ୍ମପୁର,୧୪।୮(ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲି ୧୬ନଂ. ଜାତୀୟ ରାଜପଥ ନିକଟରେ ଲୁଟେରା ଗ୍ୟାଙ୍ଗ ଜଣେ ମହିଳାଙ୍କୁ ଛୁରି ଦେଖାଇ ବେକରୁ ସୁନାହାର ଲୁଟି ନେଇଛନ୍ତି। ଲୁଟର ଶିକାର ହୋଇଥିବା କୁମାରୀ ବେହେରାଙ୍କ ପୁଅଙ୍କ ଅଭିଯୋଗକ୍ରମେ ପୋଲିସ ଘଟଣାର ତଦନ୍ତ କରିବା ସହ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ୩ ଲୁଟେରାଙ୍କୁ ଗିରଫ କରିଛି। ସେମାନେ ହେଲେ ଲାଞ୍ଜିପାଲି ଅଞ୍ଚଳର ରବି ପଣ୍ଡା , ରାମକୃଷ୍ଣ ପାଣିଗ୍ରାହୀ ଓ ପି. ଶିବ ଶଙ୍କର ଦାସ। ପୋଲିସ ସେମାନଙ୍କ ନିକଟରୁ ୧୫ ହଜାର ଟଙ୍କା ଜବତ କରିଛି। ମୁଖ୍ୟ ଅଭିଯୁକ୍ତ ଫେରାର ଥିବାରୁ ଲୁଟ ସୁନାହାର ଉଦ୍ଧାର ହୋଇପାରିନାହିଁ। ମାମଲା ନମ୍ବର ୩୭୮/୨୩ରେ ୩ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଆଙ୍କୁଲି ନିକଟ ବାବାଜୀ ଢ଼ାବା ନିକଟରେ କୁମାରୀ ଓ ତାଙ୍କ ପୁଅ ପ୍ରଦୀପ କୁମାର ବେହେରା ରହୁଛନ୍ତି। ଗତ ୮ତାରିଖରେ କୁମାରୀ ଘର ନିକଟସ୍ଥ ନିଜ ବଗିଚାକୁ ଚାଲି ଚାଲି ଯାଉଥିଲେ। କେତେଜଣ ଯୁବକ ତାଙ୍କୁ ପିଛା କରି ଅଟକାଇବା ପରେ ଛୁରିରେ ଆକ୍ରମଣ କରି ଭୟଭୀତ କରି ବେକରୁ ୩ଭରିର ହାର ଲୁଟି ନେଇ ଚମ୍ପଟ ମାରିଥିଲେ। କୁମାରୀ ଘରକୁ ଫେରି ଘଟଣା ସମ୍ପର୍କରେ ତାଙ୍କ ପୁଅଙ୍କୁ ଜଣାଇବାରୁ ସେ ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ।

### ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ, ଉତ୍ତେଜନା

ଛତ୍ରପୁର,୧୪।୮(ସନ୍ତୋଷ ପାଢ଼ୀ )

ସାଙ୍ଗମାନଙ୍କ ସହିତ ଗୋପାଳପୁର ପୋର୍ଟ ପଟକୁ ବୁଲିବାକୁ ଆସିଥିବା ଜଣେ ଯୁବକଙ୍କ ଗାଡ଼ି ଧକ୍କାରେ ମୃତ୍ୟୁ ଘଟିଛି। ସେ ହେଲେ ବ୍ରହ୍ମପୁର ଗୋଷାଣିନୂଆଗାଁ ଗୁଡସେଡ ଅଞ୍ଚଳର ଶଙ୍କର ବାରିକ(୨୦)। ଶଙ୍କର ସ୍କୁଟି (ଓଡି୦୭କେ-୯୦୧୫)ରେ ଫେରୁଥିବା ବେଳେ ଗୋପାଳପୁର ପୋର୍ଟ ଆଡୁ ଆଇଆରଇଏଲ ରାସ୍ତା ଦେଇ ଆସୁଥିବା ଓଆର୍୦୭ପି-୩୫୧୩ ନମ୍ବର ଏକ ଲୋଡ଼ର ଗାଡି ପଛପଟୁ ଧକ୍କା ଦେଇଥିଲା । ଫଳରେ ଶଙ୍କରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପରିସ୍ଥିତି ଦେଖାଦେଇଥିଲା । ସ୍ଥାନୀୟ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଶ୍ରୀରାମଚନ୍ଦ୍ରପୁର ସମିତିସଭ୍ୟ ଏସ.ଚକ୍ରପାଣି ରେଡ୍ଡୀଙ୍କ ସମେତ ବହୁ ଜନସାଧାରଣ ପୋଲିସ ସହିତ ଆଲୋଚନା କରିଥିଲେ । ସୂଚନାପାଇ ଚମାଖଣ୍ଡି ଥାନା ପୋଲିସ ସେଠାରେ ସ୍ଥିତି ନିୟନ୍ତ୍ରଣକୁ ଆଣିଥିବା ବେଳେ ଗାଡି ଚାଳକଙ୍କୁ କାବୁ କରିଥିଲା। ଅନ୍ୟପକ୍ଷରେ ସ୍ଥାନୀୟ ଅଞ୍ଚଳରେ ଦିନକୁ ଶହ ଶହ ଗାଡି ଗୋପାଳପୁର ପୋର୍ଟ ଏବଂ ଆଇଆରଇଏଲର ବିଭିନ୍ନ ପରିବହନ କାର୍ଯ୍ୟରେ ବ୍ୟବହାର କରାଯାଉଛି । ଜନବହୁଳ ଅଂଚଳ ରେ ଯେଉଁ ପରିମାଣ ଗାଡି ଗଡୁଛି ସେହି ଅନୁସାରେ କମ୍ପାନି ପକ୍ଷରୁ ଲୋକଙ୍କ ସୁରକ୍ଷା ଦିଗରେ ପଦକ୍ଷେପ ନିଆଯାଉନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି ।

# ପରୀକ୍ଷା ନିୟନ୍ତ୍ରକଙ୍କ ଯୁକ୍ତ ୩ ମୂଲ୍ୟାଙ୍କନ କେନ୍ଦ୍ର ପରିଦର୍ଶନ

## ସେମିଷ୍ଟର ପରୀକ୍ଷା ଫଳ ପ୍ରକାଶରେ ବିଳମ୍ବ

ଭଞ୍ଜନଗର,୧୪।୮(ବାବୁଲା ପ୍ରଧାନ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ (କଣ୍ଟ୍ରୋଲର)ଡ଼.ସତ୍ୟ ନାରାୟଣ କୁଣ୍ଡୁ ରବିବାର ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ହୋଇଥିବା ଯୁକ୍ତ ୩ ମୂଲ୍ୟାଙ୍କନ କେନ୍ଦ୍ର ପରିଦର୍ଶନ କରିଥିଲେ। ସେପ୍ଟେମ୍ବର ପହିଲାରୁ ୨୦୨୨-୨୩ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ଦ୍ୱିତୀୟ ସେମିଷ୍ଟାର ପରୀକ୍ଷା ହେବ। ଏ ନେଇ ବିଜ୍ଞପ୍ତି ପ୍ରକାଶ ହୋଇଗଲାଣି । ଏହାପୂର୍ବରୁ ୨୦୨୧-୨୨ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ଦ୍ୱିତୀୟ ସେମିଷ୍ଟର ପରୀକ୍ଷା ଫଳ ପ୍ରକାଶ ପାଇବ । ତେଣୁ ଆସନ୍ତା ୧୭ ତାରିଖ ସୁଦ୍ଧା ମୂଲ୍ୟାଙ୍କନ କାର୍ଯ୍ୟ ଶେଷ କରିବାକୁ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ଡ଼.କୁଣ୍ଡୁ ନିର୍ଦ୍ଦେଶ ଦେଇଥିଲେ। କଣ୍ଟ୍ରୋଲରଙ୍କ ଗସ୍ତ ସମୟରେ ଏନ୍‌ସିସି ନାଭାଲ ଅଫିସର ଡ଼.ରବୀନ୍ଦ୍ର ମିଶ୍ର, କର୍ମଚାରୀ ପ୍ରଦୀପ ତ୍ରିପାଠୀ, ବିନାୟକ ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହାପରେ ଡ଼.କୁଣ୍ଡୁ ଆସିକା ମୂଲ୍ୟାଙ୍କନ କେନ୍ଦ୍ର ଅଭିମୁଖେ ଯାଇଥିଲେ।

ସୂଚନାଯୋଗ୍ୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଯୁକ୍ତ ୩ କଲେଜଗୁଡ଼ିକର ବିଭିନ୍ନ ପରୀକ୍ଷା ଫଳ ମୂଲ୍ୟାଙ୍କନରେ ବିଳମ୍ବ ହେଉଛି । ଏହାକୁ ନେଇ ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି । ୨୦୨୨ ନଭେମ୍ବର ୧ରୁ ୧୮ ତାରିଖ ପର୍ଯ୍ୟନ୍ତ ୨୦୨୧-୨୨ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ଯୁକ୍ତ ୩ ଦ୍ୱିତୀୟ ସେମିଷ୍ଟାର କଳା, ବାଣିଜ୍ୟ ଏବଂ ବିଜ୍ଞାନ ପରୀକ୍ଷା ହୋଇଥିଲା। ଉକ୍ତ ପରୀକ୍ଷା ସରିବାର ୯ ମାସ ବିତିବାକୁ ଯାଉଥିଲେ ବି ଫଳ ପ୍ରକାଶ ହୋଇପାରିନାହିଁ । ଆସନ୍ତା ୧ରୁ ପୁଣି ୨୦୨୨-୨୩ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ଦ୍ୱିତୀୟ ସେମିଷ୍ଟର ପରୀକ୍ଷା ହେବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ବର୍ତ୍ତମାନ ୨୦୨୧-୨୨ ସେମିଷ୍ଟର ଛାତ୍ରୀଛାତ୍ରଙ୍କ ଦ୍ୱିତୀୟ ସେମିଷ୍ଟାର ମୂଲ୍ୟାଙ୍କନ ଚାଲିଛି। ମୂଲ୍ୟାଙ୍କନ ବିଳମ୍ବ ହେଲେ ଆସନ୍ତା ୧ରେ ହେବାକୁ ଥିବା ପରୀକ୍ଷା ଘୁଞ୍ଚିବା ସମ୍ଭାବନା ରହିଛି। କରୋନା ସମୟରେ ନିର୍ଦ୍ଧାରିତ ସମୟରେ ପରୀକ୍ଷା ଗୁଡ଼ିକ ନ ହେବା ଯୋଗୁ ବର୍ତ୍ତମାନ ସୁଦ୍ଧା ସେହି ସମସ୍ୟା ଲାଗିରହିଛି । କିଛିଦିନ ପୂର୍ବେ ତୃତୀୟ ସେମିଷ୍ଟର ବ୍ୟାକ୍ ପେପର ଖାତାକୁ ସ୍ୱତନ୍ତ୍ର ମୂଲ୍ୟାଙ୍କନ କରି ପରୀକ୍ଷା ଫଳ ପ୍ରକାଶ କରାଯାଇଥିଲା । ବହୁବର୍ଷ ପରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଏବଂ କଣ୍ଟ୍ରୋଲରଙ୍କ ତ୍ୱରିତ ପଦକ୍ଷେପ ଯୋଗୁ ତାହା ସମ୍ଭବ ହୋଇପାରିଥିଲା। ଗତ ୨୨ ମାର୍ଚ୍ଚ ୨୦୨୩ରେ ତୃତୀୟ ସେମିଷ୍ଟାର, ୧୭ ଏପ୍ରିଲ ୨୦୨୩ ପ୍ରଥମ ସେମିଷ୍ଟର ପରୀକ୍ଷା ହୋଇଥିବା ବେଳେ ତାହାର ମଧ୍ୟ ତୁରନ୍ତ ମୂଲ୍ୟାଙ୍କନ କରି ପରୀକ୍ଷା ଫଳ ପ୍ରକାଶ କରିବାକୁ ଛାତ୍ରୀଛାତ୍ରମାନେ ନିବେଦନ କରିଛନ୍ତି ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com

@ ଚନ୍ଦନ
ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୧ ନଂ ୱାର୍ଡର ସମସ୍ୟା ସମାଧାନ ଦାବି


ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ୱାର୍ଡ ବାସିନ୍ଦା।

ବ୍ରହ୍ମପୁର,୧୪।୮(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଏମସି) ୧ ନଂ ୱାର୍ଡରେ ବିଭିନ୍ନ ସମସ୍ୟା ଲାଗିରହିଛି। ଏହାର ସମାଧାନ ପାଇଁ ସ୍ଥାନୀୟ ବାସିନ୍ଦା ସୋମବାର ବିଏମସି କମିଶନରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସେଥିରେ ଉତ୍ତରମୁଖୀ ବାସିନ୍ଦାଙ୍କୁ ଘର ପଟ୍ଟା, ଜି ରଘୁନାଥପୁର ଓ ଉତ୍ତରମୁଖୀ ହରିଜନ ସାହିରେ ସର୍ବସାଧାରଣଙ୍କ ନିମନ୍ତେ ଶୌଚାଳୟ ନିର୍ମାଣ, ସାହିରେ ହିତାଧିକାରୀଙ୍କୁ ରାଶନ ସାମଗ୍ରୀ ବଣ୍ଟନ ସୁବିଧା, ହରିଡାଖଣ୍ଡି, ଆନନ୍ଦ ମାର୍ଗ ୧ମ ସାହିରେ ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ୍ ନିର୍ମାଣ ପାଇଁ ଦାବି ଉଲ୍ଲେଖ କରାଯାଇଛି। ସମସ୍ୟାର ସମାଧାନ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କମିଶନର ପ୍ରତିଶ୍ରୁତି ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଦିନେଶ ରାଜ, ରୋହିତ ନାୟକ, ଶୁଭମ ନାୟକ, ଗଣେଶ ନାହାକ, ଶିବ ଶଙ୍କର ବେହେରା ଓ ସୌରଭ ନାୟକଙ୍କ ସମେତ ବହୁ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

## ଅପହୃତା ନାବାଳିକା ଉଦ୍ଧାର, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୧୪।୮(ସୁବାସ ଚନ୍ଦ୍ର ପାଢ଼ୀ)

ନିମଖଣ୍ଡି ଥାନା ପୋଲିସ ଗତ ମେ ମାସରୁ ଅପହରଣ ହୋଇଥିବା ଜଣେ ନାବାଳିକାଙ୍କୁ ବୌଦ୍ଧ ପୋଲିସ ଜିଲା ଅଧୀନ ଘଣ୍ଟପଡ଼ା ଥାନା ଅନ୍ତର୍ଗତ ପୋଡ଼ାପଦର ଗ୍ରାମରୁ ଉଦ୍ଧାର କରିଛି। ଏଥିସହ ଉକ୍ତ ଘରୁ ଅପହରଣକାରୀ ଯୁବକଙ୍କୁ ମଧ୍ୟ ଗିରଫ କରିଛି। ସେ ହେଲେ ଗୋପାଳ ସାହୁ (୨୩)। ସୋମବାର ପୀଡ଼ିତା ଓ ଅଭିଯୁକ୍ତଙ୍କ ଡ଼ାକ୍ତରୀ ମାଇନା କରାଯାଇଛି। ସେହିପରି କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ପୀଡ଼ିତାଙ୍କ ବୟାନ ଅନୁସାରେ ଗୋପାଳ ତାଙ୍କୁ ଗୋଟିଏ ଘରେ ରଖି ବାରମ୍ବାର ବଳାତ୍କାର କରିଥିଲେ। ଏ ନେଇ ମାମଲା ନଂ ୧୪୧/୨୩ରେ ମାମଲା ରୁଜୁ ହୋଇଛି। ଗୋପାଳଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ପ୍ରକାଶ ଯେ, ନିମଖଣ୍ଡି ଥାନା ଅଞ୍ଚଳରେ ରହୁଥିବା ନାବାଳିକାଙ୍କୁ ତାଙ୍କ ପଡ଼ୋଶୀ ଗୋପାଳ ଗତ ମେ ୩ ତାରିଖରେ ଅପହରଣ କରି ନେଇଥିଲେ।ପୀଡ଼ିତାଙ୍କ ପରିବାରର ଅଭିଯୋଗ ପ୍ରକାରେ ପୋଲିସ ଘଟଣାର ତଦନ୍ତ କରିବା ସହ ଗୋପାଳଙ୍କ ମୋବାଇଲ ଫୋନ୍ ନମ୍ବରକୁ ଟ୍ରାକିଂ କରି ସେ ପୋଡ଼ାପଦରରେ ଥିବା ଜାଣିବାକୁ ପାଇଥିଲା। ପୋଲିସ ଟିମ ସେଠାରେ ପହଞ୍ଚି ପୀଡ଼ିତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ କାବୁ କରିଥିଲା।

## ବନ୍ଦଘରୁ ଯୁବକଙ୍କ ମୃତଦେହ ଜବତ

ବ୍ରହ୍ମପୁର,୧୪।୮(ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଚନ୍ଦ୍ରପ୍ରଭା ସାହି ଦ୍ୱିତୀୟ ଲାଇନର ଏକ ବନ୍ଦ ଘରୁ ପୋଲିସ ସୋମବାର ଜଣେ ଯୁବକଙ୍କ ଗଳିତ ମୃତଦେହ ଜବତ କରିଛି। ସେ ହେଲେ ରାଜେନ୍ଦ୍ର ମହାରଣା(୪୬)। ଜବତ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ରାଜେନ୍ଦ୍ରଙ୍କ ମୃତ୍ୟୁର କାରଣ ଜଣାପଡି ନ ଥିବା ବେଳେ ମାନସିକ ବିଷାଦରୁ ସେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ରାଜେନ୍ଦ୍ର ତାଙ୍କ ସ୍ତ୍ରୀ ନମିତା ମହାରଣା ଓ ପୁଅ ଦିନେଶଙ୍କ ସହ ମିଶି ରହୁଥିଲେ। କୌଣସି କାରଣକୁ କେନ୍ଦ୍ରକରି ସେ ସ୍ତ୍ରୀ ଓ ପୁଅଙ୍କୁ ମାରପିଟ କରୁଥିଲେ। କିଛିବର୍ଷ ପୂର୍ବେ ନମିତା ତାଙ୍କ ପୁଅକୁ ନେଇ ନୂଆ ବସଷ୍ଟାଣ୍ଡ ନିକଟ କାଳି ମନ୍ଦିର ଅଞ୍ଚଳରେ ଘରଭଡ଼ା ନେଇ ରହୁଥିଲେ। ରାଜେନ୍ଦ୍ର ବଢ଼େଇ କାମ କରୁଥିଲେ। ଅନେକ ସମୟରେ ସେ ନିଶାସକ୍ତ ହୋଇ ଘରକୁ ଫେରୁଥିଲେ ବୋଲି ସାହି ଲୋକେ କହିଛନ୍ତି। ସୋମବାର ଘରୁ ଦୁର୍ଗନ୍ଧ ବାହାରୁଥିବାରୁ ସ୍ଥାନୀୟ ଲୋକ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କବାଟ ଭାଙ୍ଗି ଉକ୍ତ ଘରେ ପଶିବାରେ ଚଟାଣରେ ରାଜେନ୍ଦ୍ରଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲା। ଖବରପାଇ ରାଜେନ୍ଦ୍ରଙ୍କ ସ୍ତ୍ରୀ ନମିତା ପହଞ୍ଚି ସ୍ୱାମୀଙ୍କ ମୃତଦେହ ଚିହ୍ନଟ କରିଥିଲେ।

# ୩ ମାସ ପରେ ବି ଅଭିଯୁକ୍ତ ଚିହ୍ନଟ ହେଲେନି

## ଛାତରୁ ନାବାଳକଙ୍କ ମୃତଦେହ ଜବତ ଘଟଣା

ବ୍ରହ୍ମପୁର,୧୪।୮(ସୁବାସ ଚନ୍ଦ୍ର ପାଢ଼ୀ)

ନିମଖଣ୍ଡି ଥାନା ଜଗଦଲପୁର ନିକଟ ବାଉରୀ କମାପଲ୍ଲୀ ଗ୍ରାମର ନାବାଳକ ଶିବ ଦାସ(୭)ଙ୍କ ମୃତଦେହ ତାଙ୍କ ଘର ଛାତ ଉପରୁ ଗତ ମେ ୧୫ ତାରିଖ ଅପରାହ୍ନରେ ମିଳିଥିଲା। ତାଙ୍କର ଏଭଳି ସନ୍ଦେହଜନକ ମୃତ୍ୟୁକୁ ନେଇ ତାଙ୍କୁ କେହି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ମୃତଦେହ ପଞ୍ଚନାମା ବେଳେ ଶିଶୁର ବେକରେ କଳାଦାଗ ଥିବା ଦେଖାଯାଇଥିଲା। ପୋଲିସ ନଂ.୧୩/୨୩ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ପୋଲିସ ଅପମୃତ୍ୟୁ ମାମଲାକୁ ହତ୍ୟା ମାମଲାରେ ରୂପାନ୍ତରିତ କରିଛି। ୨୧୭/୨୩ ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ତେବେ ଘଟଣାର ୩ ମାସ ପରେ ବି ପୋଲିସ ହତ୍ୟା ଅଭିଯୁକ୍ତଙ୍କୁ ଚିହ୍ନଟ କରିପାରିନାହିଁ। ଅନ୍ୟପଟେ ଗ୍ରାମର ଅନେକ ଲୋକଙ୍କୁ ସନ୍ଦେହରେ ଆଣି ପଚରାଉଚରା କରିଛି। ଘଟଣାଦିନ ଶିବ ଯେଉଁ ପିଲାମାନଙ୍କ ସହ ଖେଳୁଥିଲେ ସେମାନଙ୍କୁ ପୋଲିସ ତାଙ୍କ ପରିବାର ଲୋକଙ୍କ ସହାୟତାରେ ଥାନାକୁ ଡାକି ପଚରାଉଚରା କରି ଛାଡ଼ି ଦେଇଥିଲା। ତଥାପି ପୋଲିସକୁ ସେଭଳି କିଛି ସଫଳତା ମିଳିପାରିନାହିଁ। ସୂଚନାଯୋଗ୍ୟ, ଘଟଣାଦିନ ଶିବ ତାଙ୍କ ଘର ଛାତ ଉପରେ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖାଯାଇଥିଲା। ସେଠାରୁ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ମୃତ୍ୟୁ ପରେ ମହିଳାଙ୍କ ଚକ୍ଷୁଦାନ

ବ୍ରହ୍ମପୁର,୧୪।୮(ସୁବାସ ଚନ୍ଦ୍ର ପାଢ଼ୀ)

ଫ୍ରେଣ୍ଡସ୍ ହେଲପିଂ କ୍ଲବର ସହଯୋଗରେ ଏମ୍‌କେସିଜି ମେଡିକାଲ ଚକ୍ଷୁ ବିଭାଗକୁ ପୁଣି ଜଣେ ମୃତ ମହିଳାଙ୍କ ଚକ୍ଷୁଦାନ କରାଯାଇଛି। ପ୍ରେମନଗରରେ ରହୁଥିବା ଏସ୍. ତ୍ରିବେଣୀ(୭୬)ଙ୍କ ମୃତ୍ୟୁ ପରେ ପରିବାରବର୍ଗ ଚକ୍ଷୁଦାନ କରିବାକୁ ଇଚ୍ଛା କରିଥିଲେ। ଏଥିରେ କ୍ଲବ୍ ତରଫରୁ ସି.ଏଚ୍ ଶିବ ପ୍ରସାଦ ଓ ମୃତକଙ୍କ ସମ୍ପର୍କୀୟ ଜି. ନାଗେଶ୍ୱର ରାଓ ସହଯୋଗ କରିଥିଲେ। ପରେ ଏମକେସିଜି ମେଡିକାଲର ଚକ୍ଷୁ ବିଭାଗ ଡାକ୍ତରଙ୍କ ଦ୍ୱାରା ତ୍ରିବେଣୀଙ୍କ ଚକ୍ଷୁ ସଂଗ୍ରହ କରାଯାଇଥିଲା। ଏହି ସମୟରେ ତାଙ୍କ ସ୍ୱାମୀ ଏସ୍. ବାଲାଜୀ, ପୁଅ ସନ୍ତୋଷ ଓ ଦୁଇଝିଅ ମାଧବୀ ଏବଂ ଉଷାରାଣୀ, ସମ୍ପର୍କୀୟ ବାଲମୁକୁନ୍ଦ ରାଓ, ବି. ଚନ୍ଦ୍ର ରାଓ, ଶ୍ରୀରାମ ପୃଷ୍ଟି, ଜି. କ୍ରିଷ୍ଣା ରାଓ, ଜି. ଆଲୋକ କୁମାର, ଏନ୍. ରୁପେଶ ଉପସ୍ଥିତ ଥିଲେ। ଚକ୍ଷୁଦାନ ସମୟରେ କ୍ଲବ୍ ତରଫରୁ ଇ. ଜଗଦୀଶ୍ୱର ରାଓ, ସି.ଏଚ୍ ଶିବପ୍ରସାଦ, ଭି. ଭେଙ୍କଟରତ୍ନରାଜୁ, ଇ. ଲକ୍ଷ୍ମୀନାରାୟଣ, ଜାମୁଲା ସୁରେଶ ଉପସ୍ଥିତ ଥିଲେ। ଫ୍ରେଣ୍ଡସ୍ ହେଲ୍ପିଂ କ୍ଲବର ସହଯୋଗରେ ଚଳିତବର୍ଷର ଏହା ହେଉଛି ୧୫ତମ ଚକ୍ଷୁଦାନ ବୋଲି ସୂଚନା ଦିଆଯାଇଛି।

## ହରିଣଙ୍କ ସୁରକ୍ଷା ପାଇଁ ସଚେତନତା

ପାତ୍ରପୁର,୧୪।୮ (ଉମା ଚରଣ ନେପାକ)

ଧାନରୁଆ ପାଇଁ ଟ୍ରାକ୍ଟରରେ ଚାଷ ବେଳେ ଶବ୍ଦ ହେବାରୁ ବାଟ ହୁଡ଼ିଥିବା କୃଷ୍ଣ ସାରମୃଗ ସୁରକ୍ଷା ପାଇଁ ଜଙ୍ଗଲ ବିଭାଗ ଅଣ୍ଟା ଭିଡିଛି। ଗତ ଦଶଦିନ ପୂର୍ବେ ବାଟହୁଡ଼ି ଦିଗପହଣ୍ଡି ବ୍ଲକ ସମାସିଙ୍ଗି ଶାସନରେ ରହୁଥିବା କୃଷ୍ଣସାର ମୃଗ ପଲ ସାମନ୍ତିଆ ପଲ୍ଲୀ ରେଞ୍ଜ ଅଞ୍ଚଳକୁ ଚାଲି ଆସିଛନ୍ତି। ରେଞ୍ଜର ମନୋଜ କୁମାର ପାତ୍ରଙ୍କୁ ଖବର ମିଳିବା ପରେ ଗତ ରବିବାର ରାତିରେ ଦୁଇଟି ଟିମ ଖାରିଆଗୁଡା ଅଞ୍ଚଳରେ ପହରା ଦେଇଛନ୍ତି। ଖାରିଆଗୁଡା ପଞ୍ଚାୟତର ଏସ୍‌ବି ଜଗଦେବପୁର ଅଞ୍ଚଳରେ ମୃଗ ବୁଲୁଥିବା ଜଣାପଡିବା ପରେ ଟିମ୍ ଯାଇ ମୃଗ ସୁରକ୍ଷା ନେଇ ସଚେତନତା କରିଛନ୍ତି। ଏହି ଟିମରେ ଫରେଷ୍ଟର ସନ୍ଧ୍ୟାରାଣୀ ଦଳ ବେହେରା,ଗାର୍ଡ ମନୋଜ କୁମାର ପାତ୍ର, ତରୁଣେଶ୍ୱର ଶବର, ଲିଜାରାଣୀ ସେଠୀ ପ୍ରମୁଖ ସାମିଲ ଥିଲେ।

## ପେନ୍‌ସିଲ ମୁନରେ ଭାରତ ମାନଚିତ୍ର


ସତ୍ୟ ପେନସିଲ ମୁନରେ ନିର୍ମାଣ କରିଥିବା ଭାରତ ମାନଚିତ୍ର।

ବ୍ରହ୍ମପୁର,୧୪।୮(ସ୍ମୃତି ରଞ୍ଜନ ମହାଲିକ)

ସ୍ୱାଧୀନତା ଦିବସ ଅବସରରେ ବାଲୁକାଶିଳ୍ପୀ ସତ୍ୟ ନାରାୟଣ ମହାରଣା ପେନସିଲ ମୁନରେ କ୍ଷୁଦ୍ରତମ ଭାରତ ମାନଚିତ୍ର ନିର୍ମାଣ କରିଛନ୍ତି। ଯାହାର ଉଚ୍ଚତା ୨ ମିଲି ମିଟର ରହିଛି। ଏହାକୁ ନିର୍ମାଣ କରିବାକୁ ୫ ମିନିଟ ସମୟ ଲାଗିଥିବା ସତ୍ୟ କହିଛନ୍ତି। ଏହା ବିଶ୍ୱର ସବୁଠାରୁ କ୍ଷୁଦ୍ରତମ ମାନଚିତ୍ର ବୋଲି ସତ୍ୟ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏଥିପୂର୍ବରୁ ସତ୍ୟ ଅଦରକାରୀ କାଗଜରେ ୧ ମିଲି ମିଟରରୁ କମ୍ ଉଚ୍ଚତା ବିଶିଷ୍ଟ ତ୍ରିରଙ୍ଗା ନିର୍ମାଣ କରି ଏସିଆ ବୁକ ଅଫ ରେକର୍ଡ ଓ ଇଣ୍ଡିଆ ବୁକ ଅଫ ରେକର୍ଡ ହାସଲ କରିଛନ୍ତି। ଏଥିସହିତ ସ୍ୱଚ୍ଛ ଓ ସୁନ୍ଦର ବାର୍ତ୍ତା ନେଇ ଦେଶର ୭୫ଟି ପର୍ଯ୍ୟଟନସ୍ଥଳୀକୁ ଚକ୍ ଖଡିରେ ନିର୍ମାଣ କରି ଇଣ୍ଡିଆ ବୁକ ଅଫ ରେକର୍ଡ ଓ ଏସିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇଛନ୍ତି। ପେନସିଲରେ ନିର୍ମିତ କ୍ଷୁଦ୍ର ମାନଚିତ୍ରକୁ ମଧ୍ୟ ରେକର୍ଡ ନିମନ୍ତେ ଆବେଦନ କରିବେ ବୋଲି ସତ୍ୟ କହିଛନ୍ତି।

# ଧରାକୋଟରେ ଜାତୀୟ ପତାକା ବଣ୍ଟନ

ଧରାକୋଟ,୧୪।୮(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ ପରିସରରେ ଜାତୀୟ ପତାକା ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଧରାକୋଟ ବିଡିଓ ଡେନିସ ବେହେରା ଆନୁଷ୍ଠାନିକ ଭାବେ ଜାତୀୟ ପତାକା ବଣ୍ଟନ କରିଥିଲେ। ବ୍ଲକର ୧୮ ପଞ୍ଚାୟତରେ ଥିବା ୨୨ ହଜାର ଘର ଥିବା ବେଳେ ୨୨ ହଜାର ଜାତୀୟ ପତକା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ବଣ୍ଟନ କରାଯାଇଛି। ମା' କୋଠାରୀ ସ୍ୱୟଂ ସହାୟକ ଗୋଷ୍ଠୀ ଧରାକୋଟ, ଗୋଲାଦାମୋଦର ପଲ୍ଲୀ ୟୁନିଟ, ମହାବୀର ସ୍ୱୟଂ ସହାୟକ ଗୋଷ୍ଠୀ ଗୋଲାଦାମୋଦର ପଲ୍ଲୀ, ଲକ୍ଷ୍ମୀ ନାରାୟଣ ସ୍ୱୟଂ ସହାୟକ ଗୋଷ୍ଠୀ ଗମ୍ଭାରୀ ଗୁଡାକୁ ଜାତୀୟ ପତକାର ତିଆରି ଓ ବଣ୍ଟନ ଦାୟିତ୍ୱ ବ୍ଲକ ପ୍ରଶାସନ ତରଫରୁ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏବିଡିଓ ସୁଶୀଲ ପଟ୍ଟନାୟକ, ବ୍ଲକ ଜୀବିକା ମିଶନ ସଂଯୋଜକ ପ୍ରତାପ ସ୍ୱାଇଁ, ବ୍ଲକ ଗ୍ରୁପ ମହାସଙ୍ଘ ସଭାପତି ଗୀତା ପଟ୍ଟନାୟକ, ଉଦ୍ୟୋଗ ମିତ୍ର, ଏନ୍ ନମୀତା ରେଡ୍ଡୀଙ୍କ ସହ ଗ୍ରୁପମେମ୍ବର ଉପସ୍ଥିତ ରହିଥିଲେ। ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ପାଇଁ ପ୍ରତ୍ୟେକ ଘରକୁ ବ୍ଲକ ପ୍ରଶାସନ ତରଫରୁ ମାଗଣାରେ ଜାତୀୟ ପତାକା ବଣ୍ଟନ କରାଯାଇଛି।

# ନବ ପ୍ରତିଭା ଉନ୍ମେଷ ଆସର

ବ୍ରହ୍ମପୁର,୧୪।୮(ସ୍ମୃତି ରଞ୍ଜନ ମହାଲିକ୍)

କଳିଙ୍ଗ ସାହିତ୍ୟ ସମାଜ ଆନୁକୂଲ୍ୟରେ ନବ ପ୍ରତିଭା ଉନ୍ମେଷ ଆସର ଉତ୍କଳ ଆଶ୍ରମ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସମାଜ ସଭାପତି ଡ.ସିଦ୍ଧାର୍ଥ ଶଙ୍କର ପାଢ଼ୀ, କବି ମନୋରଞ୍ଜନ ପାଣିଗ୍ରାହୀ ଓ ଡ. କୃଷ୍ଣପ୍ରସାଦ ମହାପାତ୍ର କାର୍ଯ୍ୟକ୍ରମ ଶୁଭାରମ୍ଭ କରିବା ସହ ଯୁବ କବିମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଦକ୍ଷିଣାଞ୍ଚଳ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉପସଚିବ ଡ. କୁଳମଣି ଓଝା ନବସ୍ୱର ଆସର ସଞ୍ଚାଳନା କରିଥିଲେ। ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସ୍ନାତକ ଓ ସ୍ନାତକୋତ୍ତର, ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ଓ ଟିକିଟି ମହାବିଦ୍ୟାଳୟ ସ୍ନାତକ ଛାତ୍ରୀମାନେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସ୍ନାତକ ଛାତ୍ରୀ ମେଘନା ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କଳିଙ୍ଗର ନବସ୍ୱର ଶୀର୍ଷକ ଆସରକୁ ସ୍ନାତକୋତ୍ତର ଓଡ଼ିଆ ବିଭାଗ ଛାତ୍ର ଶ୍ରୀମନ୍ତ ବେହେରା ସଂଯୋଜନା କରିଥିଲେ। ଶିବ ପ୍ରସାଦ ସାହୁ, ଦେବାର୍ଚ୍ଚନ ନାୟକ, ନର୍ମଦା ଦୀପ, ରଶ୍ମିତା ପଣ୍ଡା, ଲୋକନାଥ ସାହୁ, ମେଘନା ସାହୁ, ଶ୍ରୀମନ୍ତ ବେହେରା, ସୁବ୍ରତ ପ୍ରଧାନ, ସୁଦର୍ଶନ ଶବର, ସୁବ୍ରତ କୁମାର ପ୍ରଧାନ, କାଶୀନାଥ କାର୍ଜି ପ୍ରମୁଖ କବି ଓ କବୟିତ୍ରୀ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। କବି ଅନୁପ ମିଶ୍ର, ଡା ସାଗର ରଞ୍ଜନ ତ୍ରିପାଠୀ, ଡ. ସଞ୍ଜୟ କୁମାର ପଣ୍ଡା, ଭାରତଲୀଳା ଗୁରୁ ସନ୍ତୋଷ ପାଢ଼ୀ ପ୍ରମୁଖ ଯୁବ ପ୍ରତିଭାଙ୍କୁ ଉତ୍ସାହିତ କରିଥିଲେ। ନଳିନୀକାନ୍ତ ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରମିକ ସଙ୍ଗଠନର ସମୂହ ଜାଗରଣ କାର୍ଯ୍ୟକ୍ରମ

ବ୍ରହ୍ମପୁର,୧୪।୮(ନରସିଂହ ସାହୁ)

ଭାଜପା ନେତୃତ୍ୱାଧୀନ କେନ୍ଦ୍ର ମୋଦୀ ସରକାର ଦେଶର ସମ୍ବିଧାନକୁ ଦୁର୍ବଳ କରିଦେଇଛନ୍ତି। ଏହାର ପ୍ରତିବାଦରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ସମୂହ ଜାଗରଣ କାର୍ଯ୍ୟକ୍ରମ ସ୍ୱାଧୀନତା ଦିବସ ପାଳନ ପୂର୍ବରୁ ସୋମବାର ସନ୍ଧ୍ୟାରୁ ଆରମ୍ଭ ହୋଇଛି। ପୁରୁଣା ବସଷ୍ଟାଣ୍ଡ ନିକଟରେ ଦୁଇ ବାମପନ୍ଥୀ ଦଳ ସିପିଏମ ଓ ସିପିଆଇ ସଂଲଗ୍ନ ସିଆଇଟିୟୁ ଓ ଏଆଇଟିୟୁସି ପକ୍ଷରୁ ଜନସମାବେଶ ହୋଇଥିଲା। ଏନ୍‌ଡିଏ ସରକାରଙ୍କ ସମ୍ବିଧାନ ବିରୋଧରେ ନାରା ଦିଆଯାଇଥିଲା। ଶ୍ରମିକ, କୃଷକ, ଚାଷୀ,



ସମୂହ ଜାଗରଣ କାର୍ଯ୍ୟକ୍ରମରେ ଉପସ୍ଥିତ ନେତାମାନେ

ମୁଲିଆ ଓ ଗଣତନ୍ତ୍ର ପ୍ରେମୀ ସଚେତନ ମହଲ ସମ୍ବିଧାନର ସୁରକ୍ଷା ପାଇଁ ଲଢ଼େଇ କରିବାକୁ ଆହ୍ୱାନ ଦିଆଯାଇଥିଲା। ସିପିଏମ ନେତା ପ୍ରତାପ ଚୌଧୁରୀ, ହରିକୃଷ୍ଣ ରେଡ୍ଡି ଓ ସିପିଆଇ ନେତା ପ୍ରକାଶ ପାତ୍ରଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ସଭା ପରିଚାଳନା କରିଥିଲେ। ଏଆଇଟିୟୁସି ନେତା ପ୍ରଶାନ୍ତ ପାଢୟୋଷୀ, ପ୍ରଦୀପ ସେଠୀ, ଅଳକ ନାଥ ମିଶ୍ର, ସିଆଇଟିୟୁ ନେତା ଯୁଧିଷ୍ଠିର ବେହେରା, ଶିବ ପ୍ରସାଦ ମହାପାତ୍ର, ନୃସିଂହ ବ୍ରହ୍ମାଙ୍କ ସମେତ ସିପିଏମର ଗୋପାଳ ପାଣିଗ୍ରାହୀ, ବିଜୟ ବିଶୋଇ ଓ ସୂର୍ଯ୍ୟ ପରିଡ଼ା ପ୍ରମୁଖ ଉଦବୋଧନ ଦେଇଥିଲେ। ମୋଦୀ ସରକାରକୁ କ୍ଷମତାରୁ ହଟାଇବା ପାଇଁ ସ୍ୱାଧୀନତା ଦିବସ ପାଳନ ଅବସରରେ ଗଣତନ୍ତ୍ର ପ୍ରେମୀମାନେ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦିଆଯାଇଥିଲା।

# ଦଦରାଖୋଲ ବିଦ୍ୟାଳୟରେ ଶିକ୍ଷକ -ଅଭିଭାବକ ସମ୍ମିଳନୀ

ବୁଗୁଡା,୧୪।୮(କାଳି ଚରଣ ଦାଶ):ବୁଗୁଡା ବ୍ଲକ ଦଦରାଖୋଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭିଭାବକ ସମ୍ମିଳନୀ ସହ ପୋଷାକ ବିତରଣ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦଣ୍ଡପାଣି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଆର୍‌ସିସି ଶଶିକାନ୍ତ ପାତ୍ର, ଡି. ସତ୍ୟନାରାୟଣ ଆଚାରୀ, ଜିତେନ୍ଦ୍ର ନାୟକ, ନାଏବ ସରପଞ୍ଚ ଦାଶରଥି ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ପୋଷାକ ବିତରଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ଦିଲ୍ଲୀପ କୁମାର ଗନ୍ତାୟତ ପରିଚାଳନା କରିଥିଲା ବେଳେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଭିଭାବକମାନେ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଗୀତାଞ୍ଜଳି ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ।

# ବାଇକ୍‌ରୁ ପଡ଼ି ଯୁବକଙ୍କ ମୃତ୍ୟୁ

ପୋଲସରା,୧୪।୮(ସୁବ୍ରତ ବେହେରା)-ପୋଲସରା ମୁଖ୍ୟ ସଡ଼କ ରାସ୍ତାରେ ବାଇକ୍‌ରୁ ପଡ଼ି ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ୨ ନମ୍ବର ୱାର୍ଡ ବିଶ୍ୱନାଥ ନଗର ସାହିର ବସନ୍ତ ଗୌଡ (୪୨)। ବସନ୍ତ କୌଣସି କାମରେ ଘରୁ ବାଇକ୍ ଯୋଗେ ଯାଉଥିବା ବେଳେ ରାସ୍ତା ଉପରେ ଟଳି ପଡ଼ିଥିଲେ।

# ଆଜାଦୀ କା ଅମୃତ ମହୋତ୍ସବ, ଚାରା ରୋପଣ

ରମ୍ଭା,୧୪।୮(ବନବାସୀ ସେଠୀ) ଗଞ୍ଜାମ ବ୍ଲକ ଅନ୍ତର୍ଗତ ଆର୍. ବିଞ୍ଚୁଣାପଲ୍ଲୀ ଅଙ୍ଗନୱାଡି କେନ୍ଦ୍ର ପରିସରରେ ରମ୍ଭା ବନ୍ୟପ୍ରାଣୀ ଓ ବନାଞ୍ଚଳ ପକ୍ଷରୁ ବନପାଳ ଗୌରାଙ୍ଗ ପ୍ରଧାନଙ୍କ ପୌରୋହିତ୍ୟରେ ଆଜାଦୀ କା ଅମୃତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସରପଞ୍ଚ ସିଦ୍ଧେଶ୍ୱର ନାହାକ, ସମ୍ମାନିତ ଅତିଥି ଭାବେ ଆର୍.ବିଞ୍ଚୁଣାପଲ୍ଲୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାଶରଥି ମଲ୍ଲିକ, ସୁବଳୟା ସବ୍ ସେଣ୍ଟରର ସ୍ୱାସ୍ଥ୍ୟ କର୍ମୀ ପ୍ରଭାତୀ ବେହେରା, ମୁଖ୍ୟବକ୍ତା ଭାବେ କେଶପୁର ସେକସନର ବନପାଳ ପ୍ରଣବ କୁମାର ଜୟସିଂ, ବନରକ୍ଷୀ ପୁଷ୍ପାଞ୍ଜଳି ଶ୍ରୀଚନ୍ଦନ ପ୍ରମୁଖ ଯୋଗଦେଇ ଆଜାଦୀ କା ଅମୃତ ମହୋତ୍ସବ ଓ ଚାରାରୋପଣ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ଚାରା ରୋପଣ କରାଯିବ ସହ ଝାରେଡି ରାଧା ଗୋବିନ୍ଦପୁର ଗ୍ରାମପଞ୍ଚାୟତର ବିଭିନ୍ନ ସ୍ଥାନରେ ସମୁଦାୟ ୭୫ ଚାରା ରୋପଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପ୍ରକୃତିବନ୍ଧୁ ଶିକ୍ଷକ ଶେଷଦେବ ବେହେରା ଓ ଅଙ୍ଗନୱାଡି କର୍ମୀ ଆରତୀ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବନ କର୍ମଚାରୀ କୁଞ୍ଜ ବିହାରୀ ବେହେରା ଓ ପାଚିକା ସହାୟିକା ପ୍ରମିଳା ବେହେରା ସହଯୋଗ କରିଥିଲେ।




























